# Akashvani, Sambalpur

# SAMBALPURI NEWS BULLETIN

## 5 October 2023- 6.47- 6.52 am.

*****************************************************

କିଶୋର୍ ଜେନା ଆର୍ଏନ୍ୟୁ ସମ୍ବଲପୁର୍

ଚୀନ୍ ନ ଚାଲିଥିବା ଏସୀୟ କ୍ରୀଡ଼ା ନ ଜାଭ୍‌ଲିନ୍ ଥ୍ରୋଥି ରୌପ୍ୟ ପଦକ୍ ପାଇଥିବା ପୁରୀ- ବ୍ରହ୍ମଗିରିର ଆଥ୍‌ଲେଟ୍ କିଶୋର ଜେନାଙ୍କୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ୍ ଜନେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ସୋସିଆଲ୍ ମିଡ଼ିଆ ଏକ୍ସ ଥି ଗୁଟେ ପୋଷ୍ଟ୍ କରିକରି କହିଛନ୍ ଯେ, ଏସୀୟ କ୍ରୀଡ଼ାଥି ପୁରୁଷ ଜାଭେଲିନ୍ ଥ୍ରୋ ଥି ଆମର୍ ସଫଳତା ଉଲ୍ଲେଖନୀୟ ଆଏ ।

ସେନ୍ତା ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ - କିଶୋର ଜେନାଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ଦେଢ଼୍ କୋଟି ଟଙ୍କାର୍ ପୁରସ୍କାର୍ ଘୋଷ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, କିଶୋର୍ ୮୭ ଦଶ୍‌ମିକ୍ ୫/୪ ମିଟର୍ ଦୂରିଆକେ ଜାଭ୍‌ଲିନ୍ ଫିଙ୍କିକରି ଦେଶ୍ ଆଉ ରାଜ୍ୟ ଲାଗି ଗୌରବ୍ ଆନିଛନ୍ । ପେରିସ୍ ଅଲମ୍ପିକ୍ ନ ଭାଗ୍ ନେବାର୍ ଲାଗି ଯୋଗ୍ୟ ହେଇଥବାର୍‌ନୁ ମୁଖ୍ୟମନ୍ତ୍ରୀ

କିଶୋର୍ ଜେନାଙ୍କୁ ସବୁ ପ୍ରକାର୍ ସାହାଜ୍ କର୍ବାର୍ ଲାଗି ଘୋଷ୍ନା କରିଛନ୍ ।

ଜାତୀୟ ହଲ୍ଦୀ ବୋର୍ଡ୍ ଆର୍ଏନ୍ୟୁ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଗଲାକାଏଲ୍ ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍ ନ ଜାତୀୟ ହଲ୍ଦୀ ବୋର୍ଡ୍ ଗଠନ୍ କର୍ବାର୍ ଲାଗି ନିସ୍ପତି ନିଆଯାଇଛେ । ଇ ବାବ୍ଦେ କେନ୍ଦ୍ର କୃଷିମନ୍ତ୍ରୀ ଜି. କିଷାନ୍ ରେଡ୍ଡୀ କହିଛନ୍ ଯେ, ଇ ବୋର୍ଡ୍ ଗଠନ୍ ହେବାର୍ନୁ ଓଡ଼ିଶା ସହେତେ ମହାରାଷ୍ଟ୍ର, କର୍ଣ୍ଣାଟକ୍, ତାମିଲନାଡୁ, ମଧ୍ୟପ୍ରଦେଶ୍, ଆନ୍ଧ୍ରପ୍ରଦେଶ୍, ପଶ୍ଚିମବଙ୍ଗ, ଆସାମ୍ ଆର୍ ଗୁଜୁରାଟ୍ର ଚାଷୀମାନେ ଉପକୃତ ହେବେ ।

ଉଜ୍ଜ୍ୱଲା- ସବ୍ସିଡ଼ି ଏନ୍ଏସ୍ଡି

କେନ୍ଦ୍ର ସର୍କାର୍ ଉଜ୍ଜ୍ୱଲା ଯୋଜ୍ନାର୍ ହିତାଧିକାରୀମାନ୍କର୍ ଲାଗି ରନ୍ଧାଗେସ୍ ସିଲିଣ୍ଡର୍ ପିଛା ସବ୍ସିଡି ଆର୍ ଶହେ ଟଙ୍କା ବଢ଼େଇଥିବାର୍ନୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ୍ ଆଉ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ

ଧନ୍ୟବାଦ୍ ଜନେଇଛନ୍ । ଶ୍ରୀ ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍‌ଥି ପୋଷ୍ଟ୍ କରିକରି କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱ ନ ଗଲାକାଏଲ୍ ହେଇଥିବା କେନ୍ଦ୍ର କେବିନେଟ୍‌ର ବୈଠକ୍‌ଥି ଉଜ୍ଜ୍ୱଳା ଯୋଜ୍‌ନା ଜରିଏ ଦିଆଯାଉଥିବା ଗେସ୍ ସିଲିଣ୍ଡର୍‌ର ଦାମ୍ ୩ ଶହ ଟଙ୍କା କମ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ଉଜ୍ଜ୍ୱଳା ଲାଭାର୍ଥୀ ମାନ୍‌କୁ ୨ ଶହ ଟଙ୍କାର ସବ୍‌ସିଡି ଦିଆଯାଉଥିଲା, ଯେନ୍‌ଟାକେ ବଢ଼େଇକରି ଏଛେନ୍ ୩ ଶହ ଟଙ୍କା କରାଯାଇଛେ ।

କୁଶଲୀ ଶ୍ରମିକ୍- ମଜ୍‌ରୀ        ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଜ୍ୟ ସର୍‌କାର୍ କୁଶଳୀ, ଅଣକୁଶଳୀ, ଅର୍ଦ୍ଧକୁଶଳୀ, ଆଉ ଉଚ୍ଚକୁଶଳୀ ଶ୍ରମିକ୍‌ମାନ୍‌କର୍ ଦିନ୍‌କିଆ ମଜୁରୀ ଦରକେ ବଢ଼େଇଛନ୍ । ଇ ନୂଆଁ ମଜୁରୀ ଦର୍ ଚଲ୍‌ତି ମାସର୍ ୧ ତାରିଖ୍‌ନୁ ଲାଗୁ କରାଯିବା ବଲି ରାଜ୍ୟ ଶ୍ରମ କମିଶନର୍‌ଙ୍କର୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇ ନୂଆଁ ମଜୁରୀ ଲାଗୁ ହେଲା ଉତ୍‌ରୁ ଅଣକୁଶଳୀ ଶ୍ରମିକମାନ୍‌କର୍ ମଜୁରୀ ୩ ଶହ ୪୫ ଟଙ୍କାନୁ ବଢ଼ିକରି ୩ ଶହ ୫୨ ଟଙ୍କା, ଅର୍ଦ୍ଧକୁଶଳୀ କାରିଗର୍‌ମାନ୍‌କର୍ ମଜୁରୀ ୩ ଶହ ୮୫ ନୁ ବଢ଼ିକରି ୩ ଶହ ୯୨ ଟଙ୍କା, କୁଶଳୀ ଶ୍ରମିକମାନ୍‌କର୍ ୪ ଶହ

୩୫ ନୁ ବଢ଼ିକରି ୪ ଶହ ୪୨ ଟଙ୍କା ଆର୍ ଅତିକୁଶଳୀ କାରିଗରମାନ୍‌କର୍ ମଜୁରୀ ୪ ଶହ ୯୫ ଟଙ୍କାନୁ ବଢ଼ିକରି ୫ ଶହ ୨ ଟଙ୍କା କରାଯାଇଛେ ।

ଆମ୍ବୁଲେନ୍ସ ଆର୍‌ଏନ୍‌ୟୁ ସମ୍ବଲପୁର୍

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ରାଜ୍ୟବାସୀଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୁଗେଇ ଦେବାର୍ ଲାଗି ଗଲାକାଏଲ୍ ୨୬ ଟା ନୂଆଁ ଅତ୍ୟାଧୁନିକ୍ ୧୦୮ ଆମ୍ବୁଲେନ୍ସ ଲୋକାର୍ପଣ୍ କରିଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ନିଜସ୍ୱ ପାଣ୍ଠିନୁ ଘିନାଯାଇଥିବାର୍ ଇ ଆମ୍ବୁଲେନ୍ସ ଜରିଏ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାର୍ ରୋଗୀ ଉପକୃତ୍ ହେବେ ।

ନୋବେଲ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ବୈଜ୍ଞାନିକ ମୌଙ୍ଗି.ଜି. ବାୱେଣ୍ଡି, ଲୁଇସ-ଇ-ବ୍ରୁସ ଆର୍ ଆଲେକ୍ସି ଆଇ. ଏକିମୋଭ ୨୦୨୩ ବଛର୍‌ର୍ ରସାୟନ ବିଜ୍ଞାନ୍ ଲାଗି ନୋବେଲ୍ ପୁରସ୍କାର୍ ପାଏବେ । କ୍ୱାଂଟମ୍ ଡଟ୍ ଆବିଷ୍କାର୍ ଆର୍ ବିଶ୍ଳେଷଣ୍ ଦିଗେ ଉଲ୍ଲେଖନୀୟ କାମ୍ କରିଥିବାର୍‌ନୁ ଇ

ତିନ୍‌ହି ଝନ ରସାୟନ ବିଜ୍ଞାନୀଙ୍କୁ ମିଲିତ୍ ଭାବେ ନୋବେଲ୍ ପୁରସ୍କାର୍ ଦିଆଯିବା ।

ବିଏଚ୍‌ଏଡ୍, ଏମ୍‌ଏଡ୍ ନାଁ ଲେଖା ଆର୍‌ଏନ୍‌ୟୁ ସମ୍ବଲପୁର୍

ବିଏଡ୍, ବିଏଚ୍‌ଏଡ୍, ଏମ୍‌ଏଡ୍ ପାଠ୍ୟକ୍ରମ୍‌ଥି ନାଁ ଲେଖା ଲାଗି ୨ ନମ୍ବର୍ ଖେପର୍ ୱେଟିଂ ଲିଷ୍ଟ ଆଏବା ୬ ତାରିଖ୍ ବାହାର୍‌ବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ । ୱେଟିଂ ଲିଷ୍ଟ୍‌ଥି ଠାନ୍ ପାଇଥିବା ଛାତ୍ରଛାତ୍ରୀମାନେ ୭ ତାରିଖ୍‌ନୁ ୯ ତାରିଖ୍ ଭିତ୍‌ରେ ନିଜର୍ କମନ୍ ଆପ୍ଲିକେସନ୍ ଫର୍ମ - ସିଏଏଫ୍ ସହେତେ ସାର୍ଟିଫିକେଟ୍ ଦାଖଲ୍ କରିପାର୍‌ବେ । ୧୨ ତାରିଖ୍ ମେରିଟ୍ ଲିଷ୍ଟ ବାହାର୍‌ବା ଆର୍ ମେରିଟ୍ ଲିଷ୍ଟ୍‌ଥି ଠାନ୍ ପାଇଥିବା ଛାତ୍ରଛାତ୍ରୀମାନେ ୧୩ ତାରିଖ୍‌ନୁ ୧୬ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ ବଲି ଉଚ୍ଚଶିକ୍ଷା ବିଭାଗ୍ ସୂତ୍ରନୁ ଜନାପଡ଼ିଛେ ।

ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ -ୱେବ୍‌ସାଇଟ୍/ଆର୍‌ଏନ୍‌ୟୁ ସମ୍ବଲପୁର୍

ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ସୁଦାମ୍ ମାର୍ଣ୍ଡି ଭୁବ୍‌ନେଶ୍ୱର୍ ଠାନେ ଗଲାକାଏଲ୍ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ୱେବ୍‌ସାଇଟ୍‌ର ଶୁଭ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଛନ୍ ଯେ, ଇ ୱେବ୍‌ସାଇଟ୍ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଆର୍ ଅଭିଭାବକ୍ ମାନ୍‌କର୍ ଲାଗି ଉପଯୋଗୀ ହେଇପାର୍‌ବା ।

ବନକଲାଗି ନୀତି ଆର୍‌ଏନ୍‌ୟୁ ସମ୍ବଲପୁର୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଶ୍ରୀଜୀଉମାନ୍‌କର୍ ବନକଲାଗି ନୀତି ଅନୁଷ୍ଠିତ ହେବା । ଆଶ୍ୱିନ ମାସର୍ କୃଷ୍ଣପକ୍ଷ ଷଷ୍ଠୀ ତିଥିଥି ହେଉଥିବା ଇ ନୀତି ଲାଗି ଶ୍ରୀଜୀଉମାନ୍‌କର୍ ସାଧାରଣ ଦର୍ଶନ୍ ୪ ଘଂଟା ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ୨ ନମ୍ବର୍ ଭୋଗମଣ୍ଡପ୍ ଶେଷ୍ ହେବାର୍ ଉତ୍‌ରୁ ବେଲ୍‌ବୁଡ଼ର୍ ୫ ବଜାନୁ ରାତିର୍ ୯ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ।

ଖରିଫ୍ ଧାନ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ସମ୍ବଲ୍‌ପୁର୍ ଜିଲ୍ଲା ନ ଚଲ୍‌ତି ଖରିଫ୍ ଋତୁଥି ମଣ୍ଡି ଜରିଏ ଧାନ୍ ବିକ୍‌ବାର୍ ଲାଗି ୬୦ ହଜାର୍‌ନୁ ଅଏତ୍‌କା ଚାଷୀ ନାଁ ପଞ୍ଜିକରଣ୍ କରିଥିଲେ । ହେଲେ ଶହେ ୬୦ ଝନ୍ ଚାଷୀ ଜମି ନାଇଁ ଥିବାର୍‌ନୁ ଆର୍ ଉନ୍‌ହିଆଁ କାରଣ୍‌ନୁ ଯାଂଚ୍ ଉତ୍‌ରୁ ବାଦ୍ ପଡ଼ିଛନ୍ । ହେଥିର୍‌ଲାଗି ୫୯ ହଜାର୍ ୯ ଶହ ୪ ଝନ୍ ଚାଷୀଙ୍କୁ ଧାନ୍ ବିକ୍‌ବାର୍ ଲାଗି ଟୋକନ୍ ଦିଆଯିବା ବଲି ଜିଲ୍ଲା ଆଂଚଲିକ ସମବାୟ ସମିତି କାର୍ଯ୍ୟାଲୟନୁ ସୂଚ୍‌ନା ମିଲିଛେ ।

ଜନଶୁଣାଣି ଆର୍‌ଏନ୍‌ୟୁ ସମ୍ବଲପୁର୍

ବଲାଙ୍ଗିର୍ ନ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳ୍ ଲମ୍ବୋଧର୍ ଧରୁଆ ଆଉ ଆରକ୍ଷୀ ଅଧିକ୍ଷକ୍ ଖିଲାରୀ ଋଷିକେଶ୍ ଜ୍ଞାନ୍‌ଦେଓ ଅଭିଯୋଗ୍‌ମାନ୍‌କର୍ ଶୁଣାଣି କରିଥିଲେ । ଶିବିରଥି ୫୭ ଟା ବ୍ୟକ୍ତିଗତ ଆଉ ୧୬ ଟା ସାମୂହିକ୍ ଅଭିଯୋଗ୍ ସହେତେ ମୋଟ୍ ୭୩ ଟା ଆବେଦନ୍ ଦାଖଲ୍ ହେଇଥିବାର୍ ବେଲେ ୧୪ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ବିଶ୍ୱକପ୍ କ୍ରିକେଟ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଇସିସି ତର୍‌ଫୁଁ ଭାରତ୍ ନ ୧୩ ତମ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତା ଆଏଜ୍‌ଠାନୁ ମୁଲ୍ ହେବାର୍‌କେ ଯାଉଛେ । ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ କ୍ରିକେଟ୍ ଷ୍ଟାଡ଼ିୟମ୍ ନ ଇ ପ୍ରତିଯୋଗିତାର୍ ପହେଲା ମେଚ୍ ଇଂଲଣ୍ଡ୍ ଆର୍ ନ୍ୟୁଜିଲାଣ୍ଡ୍ ଭିତ୍‌ରେ ଦିହିପହରର୍  ୨ ବଜାନୁ ଖେଲାଯିବା । ଇନ ଜନେଇ ଦିଆଯାଇପାରେ ଯେ, ନଭେମ୍ବର ମାସ ୧୯ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ଇ ପ୍ରତିଯୋଗିତା ଦେଶର୍ ୧୦ ଟା କ୍ରିକେଟ୍ ଗ୍ରାଉଣ୍ଡ୍ ମାନ୍‌କେ ଖେଲାଯିବା ।